

ଟ୍ୱିନ୍‌ସିଟି ମିରର୍ କଟକ

ପୋଲିସର ଅପରାଧ ମୁକ୍ତ ବାଲିଯାତ୍ରା ଲକ୍ଷ୍ୟ

ଅପରାଧ ଘଟିଲେ ଏଡପୋଷ୍ଟରେ ଏତଲା

■ କଟକ,ତା୧୪ ।୧୧(ପିଏନଏସ)

ଅପରାଧ ଓ ଅଘଟଣ ମୁକ୍ତ ବାଲିଯାତ୍ରା ଲାଗି କଟକ କମିଶନରେଟ ପୋଲିସ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି । ପ୍ରାୟ ୭୦ ପ୍ଲାଟୁନ ପୋଲିସ କର୍ମଚାରୀ ପଡିଆ ଜଗିବେ । ସେହିପରି ୩ଶହ ଅଫିସର ସୁରକ୍ଷା ଦାୟିତ୍ୱରେ ରହିବେ । ଶୁକ୍ରବାର ଦିନ ପ୍ରାୟ ୨ଟାରୁ ବାଲିଯାତ୍ରାର ଦୁଇ ପଡିଆରେ ଏହି ପୋଲିସ କର୍ମୀ ଡ୍ୟୁଟି କରିବେ । ଏହି ଡ୍ୟୁଟି ଭିଡ ଭାଙ୍ଗିବା ଅର୍ଥାତ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜାରି ରହିବ । ତତସହିତ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଅନ୍ୟାନ୍ୟ ବ୍ୟବସ୍ଥା ମଧ୍ୟ କରାଯାଇଛି । ଗୁରୁବାର ଏହି ଅଫିସର ଓ କର୍ମଚାରୀଙ୍କୁ ଷଷ୍ଠ ବାଟାଲିଅନ ପଡିଆରେ ତାଙ୍କର ଡ୍ୟୁଟି ସମ୍ପର୍କରେ ଡିସିପି ଜଗମୋହନ ମୀନା ବୁଝାଇଛନ୍ତି ।

ଚଳିତ ବର୍ଷ ବାଲିଯାତ୍ରାର ଉଭୟ ପଡିଆ ଭିତରେ ୨୯ଟି ଏଡପୋଷ୍ଟ ହେଉଛି । ଏହି ପୋଷ୍ଟରେ ଗଲା କିଛି ବର୍ଷ ହେବ ସବୁ ପ୍ରକାର ଜିନିଷର ମିସିଂ, ଚୋରି, ଓ ପାଟିତୁଣ୍ଡ ନେଇ ରିପୋର୍ଟ ହୋଇଆସୁଛି । ଏଠାରେ ଜିଲ୍ଲା ବାହାରର କର୍ମଚାରୀ ଡ୍ୟୁଟିରେ ରୁହନ୍ତି । ତେଣୁ ବହୁ ସମୟରେ ସେମାନେ ଲୋକଙ୍କ କୌଣସି ଅଭିଯୋଗ ନରଖି ଥାନାକୁ ପଠାଇ ଦେଉଥିବା ଅଭିଯୋଗ ହେଉଥିଲା । ଏହା ଯେମିତି ଚଳିତ ବର୍ଷ ନହୁଏ ସେଥିପ୍ରତି ଧ୍ୟାନ ଦେବାକୁ ଡିସିପି ନିର୍ଦ୍ଦେଶ ଦେଇଛନ୍ତି । ଏଣିକି ସବୁ ଏଡପୋଷ୍ଟରେ 'ଲଷ୍ଟ ଆର୍ଟିକିଲ ଫର୍ମ' ରହିବ । ସେହି ଫର୍ମରେ ସବିଶେଷ ତଥ୍ୟ ରଖି ଦେଖଣାହାରୀଙ୍କୁ ଛଡାଯିବ । ଅନ୍ୟପଟେ ଟ୍ରାଫିକ ନିୟନ୍ତ୍ରଣ ନେଇ ହୋଇଥିବା ଏକାଧିକ ବ୍ଲକିଂ ପଏଣ୍ଟରେ

● ଲଷ୍ଟ ଆର୍ଟିକିଲ ଫର୍ମ ମିଳିବ

● ସାଦା ପୋଷାକରେ ୫ ପ୍ଲାଟୁନ ଜଗିବେ

ଭିଡକୁ କିଭଳି ନିୟନ୍ତ୍ରଣ କରାଯିବ ଓ ଉକ୍ତ ଅଞ୍ଚଳର ପାର୍କିଂକୁ ଗାଡି ଗୁଡିକ ପଠାଯିବ ସେନେଇ କୁହାଯାଇଛି । ମହିଳାଙ୍କ ସୁରକ୍ଷା ଲାଗି ପଡିଆ ଭିତରେ ପ୍ରାୟ ୪ରୁ ୫ ପ୍ଲାଟୁନ ଫୋର୍ସ କେବଳ ସାଦା ପୋଷାକରେ ରହିବେ । ଭିଡ ହେଉଥିବା ବିଭିନ୍ନ ଛକ, ଗଳି ରାସ୍ତା ଓ ଦୁଇ ପ୍ରମୁଖ ମଞ୍ଚ ପାଖରେ ଏହି ଫୋର୍ସ ରହିବେ । ଏପରିକି ମହିଳା ପୋଲିସ କର୍ମଚାରୀ ବି ସାଦା ପୋଷାକରେ ଜଗିବେ । ପଡିଆକୁ ସଂଯୋଗ କରୁଥିବା ସବୁ ବଡ ଓ ମୁଖ୍ୟ ରାସ୍ତାରେ ଟ୍ରାଫିକ ପୋଲିସ ନିଜ ଭିତରେ ସମନ୍ୱୟ ରଖି ଭିଡ ନିୟନ୍ତ୍ରଣ କରିବେ । ସେହିପରି ସିସିଟିଭି ମନିଟରିଂ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ମନିଟରିଂ ରୁମ, ୱାଚ ଟାୱାର ଓ ଭିଏଚଏଫ ଦାୟିତ୍ୱରେ ଥିବା କର୍ମଚାରୀ ଗୋଟିଏ ଫ୍ରିକ୍ୱେନସିରେ କଥା ହେବେ । ଅନ୍ୟପଟେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ, ସୁରକ୍ଷା, ରୁଟ ଲାଇନିଂ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଜଣେ ଏଡିସିପି ସ୍ୱତନ୍ତ୍ର ଭାବେ ଏହା ବୁଝିବେ । ମୁଖ୍ୟମନ୍ତ୍ରୀଙ୍କ କାରକେଡ ବୋଟିଂକ୍ଲବ ପାଖରେ ପହଞ୍ଚିବା ପରେ ସେ ବୋଟରେ ବସି 'କଟକ-ଇନ-କଟକ' ପାଖରେ ହୋଇଥିବା ଘାଟରେ ଓହ୍ଲାଇବେ । ସେଠାରୁ ପୁଣି କାରକେଡରେ ମଞ୍ଚକୁ ଯିବେ । ଏହା ବାଦ ଯଦି ଅନ୍ୟ କେହି ଭିଭିଆଇପି ବା ଭିଆଇପି ଯାତ୍ରା ପାଇଁ ଆସନ୍ତି ତାହାଲେ ପୂର୍ବ ଦିନ ଠାରୁ ଅନ୍ୟ ଏକ ବ୍ୟବସ୍ଥା କରାଯିବ । ତେବେ ରାସ୍ତାରେ ଯେପରି ଉଠା ଦୋକାନୀ ନବସନ୍ତି ସେନେଇ କ୍ୟାଣ୍ଟନମେଣ୍ଟ, ବିଡାନାସୀ ଓ ମଙ୍ଗଳାବାଗ ଥାନା ପିସିଆର ସୁନିଶ୍ଚିତ କରିବ । ଦୁଇ ଦିନ ଧରି ହେବାକୁ ଥିବା ଏହି ଭସାଣିକୁ ଶୃଙ୍ଖଳିତ କରିବାକୁ ମଧ୍ୟ ଜଣେ ଏଡିସିପି ଦାୟିତ୍ୱ ତୁଲାଇବେ ବୋଲି ଡିସିପି ଶ୍ରୀ ମୀନା ସୂଚନା ଦେଇଛନ୍ତି ।

ରୋଜଗାର ହରାଇବେ ଉଠା ଦୋକାନୀ

■ କଟକ,ତା୧୪ ।୧୧(ପିଏନଏସ)

ବାଲିଯାତ୍ରା ଆସିଲେ ଭଲ ରୋଜଗାର ହେବ ବୋଲି ଅନେକ ବେପାରୀଙ୍କ ବିଶ୍ୱାସ ରହିଛି । ତେବେ କେବଳ କଟକ କାହିଁକି ସାରା ଦେଶରୁ ବହୁ ବେପାରୀ ଏହି ବାଲିଯାତ୍ରାକୁ ଆସି ବେପାର କରି ବେଶ ଭଲ ରୋଜଗାର କରୁଥିବାର ପରିସଂଖ୍ୟାନ ରିପୋର୍ଟ କହିଥାଏ ।

ଐତିହାସିକ ବାଲିଯାତ୍ରାରେ ବିଭିନ୍ନ ବେସରକାରୀ ଓ ସରକାରୀ ଷ୍ଟଲ ପଡିଥାଏ । କୋଟି କୋଟି ଟଙ୍କାର ବେପାର କରି ମାଲେମାଲ ହୋଇଥାନ୍ତି ବହୁ ବେପାରୀ । ଆବଣ୍ଟିତ ହୋଇଥିବା ବିଭିନ୍ନ ଷ୍ଟଲରେ ଭଲ ବେପାର ହେବା ଛଡା ଏହି ମେଳାରେ ବେଶ ଭଲ ଦି ପଇସା କମାଇଥାନ୍ତି ଉଠା ବେପାରୀ । ଅନ୍ୟ ଦିନରେ ଏହି ଉଠା ଦୋକାନୀଙ୍କ ଯେତେ ବେପାର ହୋଇନଥାଏ, କେବଳ ବାଲିଯାତ୍ରା ସମୟରେ ଏମାନଙ୍କ ବେପାର ଦୁଇଗୁଣା ହୋଇଥାଏ । ଦୁର୍ଗା ପୂଜା ଭସାଣି ସମୟରେ କଟକରେ ଆଣ୍ଟା ଜମାଇ ରାସ୍ତାକଡରେ ବେପାର କରିଆସୁଥିବା ବେପାରୀ ଖାସକରି ବାଲିଯାତ୍ରା ସମୟରେ ବେପାର କରି ଭଲ ରୋଜଗାର କରିଥାନ୍ତି । ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ କ୍ୟାଣ୍ଟନମେଣ୍ଟ ରୋଡ ଓ ଷ୍ଟାଡିୟମ ପାଖ ରାସ୍ତାକଡରୁ ବହୁ ବେପାରୀଙ୍କୁ ଏବେ ଉଠା ଯାଇଥିବା ବେଳେ ଏମାନଙ୍କ ପାଇଁ ତଳ ବାଲିଯାତ୍ରା ପଡିଆରେ ଜାଗା ଦିଆଯିବ ବୋଲି ପ୍ରଶାସନିକ ନିଷ୍ପତ୍ତି ହୋଇଛି ।

କିନ୍ନରଙ୍କ ଆତ୍ମହତ୍ୟା

■ କଟକ,ତା୧୪ ।୧୧(ପିଏନଏସ)

ବାଦାମବାଡି ଥାନା ଅଞ୍ଚଳରେ ଜଣେ କିନ୍ନରଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛି । ମୃତକ ଜଣକ ହେଲା ସ୍ଥାନୀୟ ବିଶିନାବର ଅଞ୍ଚଳରେ ରହୁଥିବା ପଶ୍ଚିମବଙ୍ଗର କେ. ରାଜୁ । ଗୁରୁବାର ରାଜୁ ରହୁଥିବା ଘରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ବାହାରି ନଥିଲା । ଫଳରେ ପଡିଶା ଲୋକ ସନ୍ଦେହ କରି ଘର କବାଟ ବାଡେଇ ଥିଲେ । ହେଲେ ଭିତରୁ କିଛି ଉତ୍ତର ମିଳିନଥିଲା । ଏ ନେଇ ଥାନାକୁ ଜଣାଇଥିଲେ । ଖବର ପାଇ ବାଦାମବାଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗିବା ପରେ ରାଜୁର ଝୁଲନ୍ତା ଶବ ଦେଖିବାକୁ ମିଳିଥିଲା । ପ୍ରାରମ୍ଭିକ ତଦନ୍ତରୁ ରାଜୁ ଆତ୍ମହତ୍ୟା କରିଥିବା ଜଣାପଡିଛି । କିନ୍ତୁ ଆତ୍ମହତ୍ୟାର ସଠିକ କାରଣ ଜଣାପଡିନାହିଁ । ପୋଲିସ ଶବକୁ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଛି । ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି ।

ଡଙ୍ଗା ଭସାଇବା ଲାଗି ତୁଠ ନିର୍ମାଣ

■ କଟକ,ତା୧୪ ।୧୧(ପିଏନଏସ)

୫୩ନଂ ୱାର୍ଡ ଦେଇ ଯାଇଥିବା ତାଳଦଣ୍ଡା କେନାଲର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଥିବାରୁ ଏଠାରେ ଡଙ୍ଗା ଭସାଇବା ନିମନ୍ତେ ୱାର୍ଡବାସୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇ ଆସୁଥିଲେ । ଏହାର ସମାଧାନ ଲାଗି ସ୍ଥାନୀୟ କର୍ପୋରେଟର ଅରବିନ୍ଦ ଜେନାଙ୍କ ଉଦ୍ୟମରେ ମାଟିକୁ ସମତୁଲ କରି ପଥର ପ୍ୟାକିଂ ଜରିଆରେ ଦୁଇଟି ଅସ୍ଥାୟୀ ତୁଠ ନିର୍ମାଣ କରାଯାଇଛି । ଫଳରେ ଲୋକମାନେ ସୁରକ୍ଷିତ ଭାବେ ଡଙ୍ଗା ଭଷାଇ ପାରିବେ । ତାଳଦଣ୍ଡା କେନାଲ କାର୍ଯ୍ୟର ସୌନ୍ଦର୍ଯ୍ୟକରଣ ଶେଷ ହେବା ପରେ ପରେ ଏହି ତୁଠକୁ ସ୍ଥାୟୀ ତୁଠ ଭାବେ ନିର୍ମାଣ କରାଯିବ ବୋଲି କର୍ପୋରେଟର ଶ୍ରୀ ଜେନା କହିଛନ୍ତି ।

● ବନ୍ଧୁକ ମୁନରେ ଆଇନଜୀବୀ ଦମ୍ପତିଙ୍କୁ ଲୁଟ ଘଟଣା

ଡକାୟତି ଗ୍ୟାଙ୍ଗର ୬ ଗିରଫ

■ କଟକ,ତା୧୪ ।୧୧(ପିଏନଏସ)

ସହରରେ ବନ୍ଧୁକ ଦେଖାଇ ଲୁଟପାଟ କରୁଥିବା ଗ୍ୟାଙ୍ଗ ପୋଲିସ ହାତରେ ଧରାପଡିଛି । ଗ୍ୟାଙ୍ଗର ୬ ଜଣ ସଦସ୍ୟଙ୍କୁ ମର୍କତନଗର ଥାନା ପୋଲିସ ଗିରଫ କରିଛି । ନିକଟରେ ଅଭିଯୁକ୍ତମାନେ ଜଣେ ଆଇନଜୀବୀ ଦମ୍ପତିଙ୍କୁ ବନ୍ଧୁକ ଦେଖାଇ ଲୁଟ କରିଥିଲେ । ଅଭିଯୁକ୍ତଙ୍କ ମଧ୍ୟରେ ଜଣେ କେନ୍ଦ୍ରୀୟ ସୁରକ୍ଷା ବଳର ପୂର୍ବତନ କର୍ମଚାରୀ ଅଛନ୍ତି । ଏମାନଙ୍କ ପାଖରୁ ଦୁଇଟି ପିସ୍ତଲ, ଦୁଇଟି ମାଗାଜିନ, ଦୁଇ ରାଉଣ୍ଡ ଗୁଳି, ଗୋଟିଏ ବୁଲେଟ, ପଲସର ବାଇକ, ୪ଟି ମୋବାଇଲ ସହ ଗୋଟିଏ ସୁନା ଚେନ ଜବତ ହୋଇଛି । ଗୁରୁବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ସୂଚନା ଅନୁସାରେ, ମର୍କତନଗର ସେକ୍ଟର-୯ର ଆଇନଜୀବୀ ସିଦ୍ଧାର୍ଥ ଶଙ୍କର ମଲ୍ଲିକ ଛତ୍ରବଜାର କେନାଲ ରୋଡସ୍ଥିତ ନିଜ ଚାମ୍ବରରୁ ନିଜ ପତ୍ନୀ ଓ ଛୋଟ ଝିଅ ସହ ଗତ ୬ ତାରିଖ ରାତିରେ ନିଜ ଘରକୁ ଫେରିବା ସମୟରେ ଘର ସମ୍ମୁଖରେ ହଠାତ ଗୋଟିଏ ବାଇକରେ ତିନି ଜଣ ଯୁବକ ସିଦ୍ଧାର୍ଥଙ୍କ ବ୍ୟାଗ ଓ ଅନ୍ୟ ଜଣେ ସୁଜାତାଙ୍କ ବେକରୁ ସୁନା ଚେନ ଛିଣ୍ଡାଇବାକୁ ଉଦ୍ୟମ କରିଥିଲା ।

ଜଣେ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ସିଦ୍ଧାର୍ଥଙ୍କୁ ଭୟଭୀତ କରାଇଥିଲା । ଦୁର୍ବୃତ୍ତମାନେ ତାଙ୍କ ବ୍ୟାଗ ଓ ପତ୍ନୀଙ୍କ ବେକରୁ ସୁନା ଚେନ ଛିଣ୍ଡାଇ ଫେରାର ହୋଇଯାଇଥିଲେ । ଦୁର୍ବୃତ୍ତମାନେ ପତ୍ନୀଙ୍କ ୨୮ ଗ୍ରାମର ସୁନା ଚେନ ଓ ତାଙ୍କର ଅଫିସ ବ୍ୟାଗ ଲୁଟିନେଇଥିବା ସଂକ୍ରାନ୍ତରେ ସିଦ୍ଧାର୍ଥ ମର୍କତନଗର ଥାନାରେ ଏତଲା ଦେଇଥିଲେ । ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରି ଦୁଇ ଦୁର୍ବୃତ୍ତଙ୍କୁ ଠାବ କରିଥିଲା । ତଦନ୍ତକ୍ରମେ ବୁଧବାର ରାତିରେ ଉପରୋକ୍ତ ୬ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ପିସ୍ତଲ, ଗୁଳି ଆଦି ଜବତ କରିଛି । ଏହି ମାମଲାରେ ସେମାନଙ୍କ

- ଗିରଫଙ୍କ ମଧ୍ୟରେ ସିଆରପିଏଫର ପୂର୍ବତନ କର୍ମଚାରୀ
- ୨ ପିସ୍ତଲ-ମାଗାଜିନ - ୪ ରାଉଣ୍ଡ ଗୁଳି ଜବତ
- ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ସିଆରପିଏଫର ପୂର୍ବତନ କର୍ମଚାରୀ

ନିକଟରୁ ୮.୦୨ ଗ୍ରାମ ଓଜନର ସୁନା ଚେନ ଖୋର୍ଦ୍ଧା ଜିଲ୍ଲା ଜଟଣୀରେ ଥିବା ଫେଡେରାଲ ବ୍ୟାଙ୍କ ଶାଖାରୁ ଜବତ କରିଛି । ଅଭିଯୁକ୍ତଙ୍କୁ ପଚରାଉଚରା ପରେ ସେମାନେ ଗଲା ୧୦ ତାରିଖରେ ବାରଙ୍ଗ ଥାନାରେ ଗୋଟିଏ ସୁନା ଚେନ ଝାମ୍ପି ନେଇଥିଲେ । ସେହିଭଳି ଏମାନେ ବୟାଳିଶମୌଜା ଥାନା ଅଞ୍ଚଳରେ ଗଲା ୧୧ ତାରିଖରେ ମଧ୍ୟ ଆଉ ଏକ ଅପରାଧ ଘଟାଇଛନ୍ତି । ଏହାବାଦ ଏହି ଗ୍ୟାଙ୍ଗ ବିଭିନ୍ନ ଜିଲ୍ଲାରେ ସମ୍ପତ୍ତି ଜନିତ ଅପରାଧୀକ ମାମଲାରେ ମଧ୍ୟ ସମ୍ପୃକ୍ତ ଅଛନ୍ତି । ତେବେ ସମସ୍ତ ଅଭିଯୁକ୍ତଙ୍କୁ ଟିଆଇ ପରେଡ କରାଯିବାକୁ ଯୋଜନା କରାଯାଉଥିବାରୁ ଅଭିଯୁକ୍ତଙ୍କ ନାଁ ସାର୍ବଜନୀନ କରାଯାଉନଥିବା ଡିସିପି ଜଗମୋହନ ମୀନା ସୂଚନା ଦେଇଛନ୍ତି ।

ବିଶ୍ୱସ୍ତସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଗିରଫ ଅଭିଯୁକ୍ତମାନେ ପୁରୀ ଜିଲ୍ଲା କଣାସର ସଚ୍ଚି ଓରଫ ସଚ୍ଚିକାନ୍ତ ବେହେରା, ନୟାଗଡର ଦିଲ୍ଲୀପ, ବୁଟୁ, କଟକର ମିଲୁ, ପିକି ଓ ଖୋର୍ଦ୍ଧାର ଚନ୍ଦନ ବୋଲି ଜଣାପଡିଛି । ଲୁଟେରା ସଚ୍ଚି ଗ୍ୟାଙ୍ଗକୁ ପିସ୍ତଲ ଯୋଗାଇବା ସହ ଲୁଟ ସୁନାକୁ ବନ୍ଧକ ରଖିଥିଲା । ଗୁରୁତ୍ୱପୂର୍ଣ୍ଣ ହେଲା, ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ସିଆରପିଏଫରେ ଚାକିରି କରିଥିଲା । ବାରମ୍ବାର ବିଶୃଙ୍ଖଳିତ ଆଚରଣ ଯୋଗୁଁ ତାକୁ ଚାକିରିରୁ ବହିଷ୍କାର କରିଦିଆଯାଇଛି । ଏହାପରେ ସେ ଭୁବନେଶ୍ୱର ଆସି ଆୟ ତୁଳନାରେ ଅଧିକ ଖର୍ଚ୍ଚ କରୁଥିଲା । ଏଥିଲାଗି ଅନ୍ୟ ସହଯୋଗୀଙ୍କୁ ଧରି ଲୁଟପାଟ ଗ୍ୟାଙ୍ଗ ଆରମ୍ଭ କରିଥିବା ଜଣାପଡିଛି ।

● ଯାଜପୁର ପୋଲିସର ଆକ୍ରୋଶମୂଳକ କାର୍ଯ୍ୟ

ଯୁବ ସୁରକ୍ଷା ମଞ୍ଚ ଡିଜିପିଙ୍କ ଦ୍ୱାରସ୍ଥ

■ କଟକ,ତା୧୪ ।୧୧(ପିଏନଏସ)

ଯାଜପୁର ଜିଲ୍ଲାର ଜଣେ ଯୁବକଙ୍କ ବେଆଇନ ଗିରଫଦାରୀ ପ୍ରତିବାଦରେ ଯୁବ ସୁରକ୍ଷା ମଞ୍ଚ ବୁଧବାର ଡିଜିପିଙ୍କ ଦ୍ୱାରସ୍ଥ ହୋଇଛି । ସଂଗଠନର ଏକ ପ୍ରତିନିଧି ମଣ୍ଡଳୀ ପୋଲିସ ମୁଖ୍ୟାଳୟକୁ ଯାଇ ଆଇଜି ଯତୀନ୍ଦ୍ର କୋୟଲଙ୍କୁ ଭେଟି ଆଲୋଚନା କରିଛନ୍ତି । ଅଭିଯୋଗ ସମ୍ପର୍କରେ ଡିଜିପିଙ୍କ ଉଦ୍ଦେଶ୍ୟରେ ଶ୍ରୀ କୋୟଲଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସଂଗଠନର ଅଭିଯୋଗ ଅନୁସାରେ, ଭୁବନେଶ୍ୱରର ୨୨ ବର୍ଷୀୟ ଜୟଦେବ ଲେଙ୍କା ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ସାଂପ୍ରତିକ ରାଜନୀତି ଉପରେ ଏକ ପୋଷ୍ଟ କରିଥିଲେ । ଉକ୍ତ ପୋଷ୍ଟରେ ସେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ବିଷୟରେ କିଛି ମତ ଦେଇଥିଲେ । ଯଦିଓ ବିଧାୟକଙ୍କ ସମ୍ମାନ ହାନି କଲାଭଳି କୌଣସି ଟିପ୍ପଣୀ ନଥିଲା । କିନ୍ତୁ ଅଭିଯୋଗ ଆଧାରରେ ଧର୍ମଶାଳା ପୋଲିସ ଏକ ମାମଲା ରୁଜୁ କରି ଦୁଇ ଦିନ ତଳେ ଜୟଦେବଙ୍କୁ ଭୁବନେଶ୍ୱରରୁ ଗିରଫ କରିଛି । ଏବେ ଜୟଦେବଙ୍କ ବିରୋଧରେ ଭୁବନେଶ୍ୱରର ନୟାପଲ୍ଲୀ ଓ ଯାଜପୁର ଜିଲ୍ଲାର ଏକ ଥାନାରେ ଆଉ ଦୁଇଟି ଏତଲା ଦାୟର ହୋଇଛି । ଏପରି ସ୍ଥଳେ ତାଙ୍କର ଜାମିନରେ ମୁକୁଳିବାର ବାଟ ଏକ ପ୍ରକାର ବନ୍ଦ ହୋଇଯାଇଛି ।

ବିଭିନ୍ନ ଅନୁଷ୍ଠାନରେ ଶିଶୁ ମହୋତ୍ସବ ପାଳିତ

■ କଟକ,ତା୧୪ ।୧୧(ପିଏନଏସ)

ସାମାଜିକ ଅନୁଷ୍ଠାନ 'ସୁନାଦୁବ' ପକ୍ଷରୁ ସ୍ଥାନୀୟ ଭଗତପୁର ବଗଲା ଲେନସ୍ଥିତ ଶାରଦା ଶିକ୍ଷା ନିକେତନ ଠାରେ ଶିଶୁ ଦିବସ ପାଳିତ ହୋଇଯାଇଛି । ସଭାପତି ସନ୍ୟାସିନୀ ବିଦ୍ୟୁତ କୁମାରୀ ଲାଲା ଉଦଘାଟକ ଭାବେ ମଧୁ ସ୍ମୃତି ସଂସ୍ଥାନର ଅଧ୍ୟକ୍ଷ ବିଶ୍ୱଜିତ ସୂର୍ଯ୍ୟବଂଶୀ, ମୁଖ୍ୟ ଅତିଥି ଭାବେ ହେମନ୍ତ ଭରଦ୍ୱାଜ, ମୁଖ୍ୟବକ୍ତା ଭାବେ ସଙ୍ଗୀତା ଦାସ, ସମ୍ମାନୀୟ ଅତିଥି ଭାବେ ସଂଘମିତ୍ରା ପ୍ରହରାଜ ଓ ଯଶୋବନ୍ତ ବେଉରା ଯୋଗ ଦେଇଥିଲେ । ମଞ୍ଜୁଲତା ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଶୁଭ୍ରାଂଶୁ ମିଶ୍ରଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ଏବଂ କୌତୁହଳ ପୋଷାକ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା ।

କଂଗ୍ରେସ କାର୍ଯ୍ୟାଳୟ

ପ୍ରାକ୍ତନ ଉପ ସଭାପତି ଶିଶିର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସର ପ୍ରାକ୍ତନ ଉପ ସଭାପତି ମନୋଜ ବିଶ୍ୱାଳ, ରାଜେଶ ସ୍ୱାଇଁ, କଟକ ସଦର ରାମଚନ୍ଦ୍ର ଗୋଛାୟତ, କଟକ ନଗର(ଜିଲ୍ଲା) କଂଗ୍ରେସର ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, କଟକ ନଗର କଂଗ୍ରେସ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ, ଜିଲ୍ଲା ସମ୍ପାଦକ ସଚ୍ଚିଦାନନ୍ଦ ରାଉତ, ଉଗ୍ରସେନ ଭୂୟାଁ, ଯୁବନେତା ପ୍ରତ୍ୟୁଷ ସାହୁଙ୍କ ସମେତ କାଳନ୍ଦୀ ଖୁଣ୍ଟିଆ, ବିକି ଜେଠି, ରଜନୀ ବସ୍ତିଆ, ରଷି କାଣ୍ଡି, ପ୍ରାକ୍ତନ କର୍ପୋରେଟର ପ୍ରଶାନ୍ତ ଭୋଇ, ଜୟନାରାୟଣ ତ୍ରୀପାଠୀ, ସନ୍ତୋଷ ବିଶ୍ୱାଳ, ଡ଼ଲୁ ନନ୍ଦ, ଆଶୁତୋଷ ବରାଳ ପ୍ରମୁଖ ଉପସ୍ଥିତ ଥିଲେ ।

ବୋର୍ଡ଼ ହାଇସ୍କୁଲ

ସେକେଣ୍ଡାରୀ ବୋର୍ଡ଼ ହାଇସ୍କୁଲର ପ୍ରଧାନଶିକ୍ଷକ ଅଶୋକ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ତଥା ଶିକ୍ଷାବିତ ଦୈତ୍ୟାରି ସାହୁ, ଭୁବନେଶ୍ୱର ମହାନଗର ନିଗମର ସିଟି ଇଞ୍ଜିନିୟର ବିଳାସ ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଚିନ୍ମୟ କୁମାର ଦାସ, ଶିକ୍ଷକ ଭାଗୀରଥି ପରିଡ଼ା, ବରିଷ୍ଠ ଶିକ୍ଷୟିତ୍ରୀ ଆଶାଲତା ବେହେରା, ପୁଷ୍ପିତା ନାୟକ ଓ ସୌଭାଗ୍ୟମଞ୍ଜରୀ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ଅମ୍ବିକା ପୃଷ୍ଟି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଶିକ୍ଷୟିତ୍ରୀ ପ୍ରମିଳା ଜେନା ଓ ପ୍ରଭାସିନୀ ଦେଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ରାଜ୍ୟସ୍ତରୀୟ କଳାଉତ୍ସବର ଥିଏଟର ବିଭାଗରେ ପ୍ରଥମ ସ୍ଥାନ ହାସଲ କରି ଜାତୀୟସ୍ତରକୁ ମନୋନୀତ ହୋଇଥିବା ବିଦ୍ୟାଳୟର ଡ୍ରାମାଦଳର ଛାତ୍ରଛାତ୍ରୀ, ପିଲାଙ୍କ ସଫଳତାରେ ଅନନ୍ୟ ଅବଦାନ ନିମନ୍ତେ ଗାଇଡ ଶିକ୍ଷୟିତ୍ରୀ ସସ୍ମିତା ବେହେରା ଓ ଡ୍ରାମା ଶିକ୍ଷକ ଅଭୟ ଦାସଙ୍କ ସମେତ ସହଯୋଗ କରିଥିବା କ୍ରୀଡ଼ା ଶିକ୍ଷକ, ଆକର୍ଷଣୀୟ ଭଜନ ବୋଲି ସମସ୍ତଙ୍କ ମନ ମୋହିଥିବା ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରମିଳା ଜେନା ଓ ଛାତ୍ର ରୁଦ୍ରପ୍ରସାଦ ସେନାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମଦନମୋହନ ବେହେରା, ବୀଣାପାଣି ସାହୁ, ଅଞ୍ଜନା ବୋଷ, ଭାଗ୍ୟଶ୍ରୀ ନାୟକ, ସାଗରୀକା ଲେଙ୍କା, ଜ୍ୟୋତିର୍ମୟୀ ସାହୁ ଓ ଅତିଥି ଶିକ୍ଷକ ଶିବାନୀ ସାହୁ, ମନୋରଞ୍ଜନ ମିଶ୍ର ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ । ୧୯୮୫ ବ୍ୟାଚର ଛାତ୍ର ବିଳାସ ବେହେରା ଓ ଡଃ ନୃପେନ୍ଦ୍ର ଶତପଥୀଙ୍କୁ କୃତଜ୍ଞତା ପ୍ରକାଶ କରାଯାଇଥିଲା । ଶିକ୍ଷୟିତ୍ରୀ ପ୍ରଭାସିନୀ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

ମହାମାୟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଡ. ବିଶ୍ୱଜିତ ଘୋଷ ଉଦଘାଟନ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରୀଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା । କନ୍ୟାରତ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଉପସ୍ଥିତ ଥିଲେ । ଶିକ୍ଷକ ମାନସ ରଞ୍ଜନ ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଜ୍ଞାନରଞ୍ଜନ ବେହେରା, ଶୁଭ୍ରାନ୍ତ କୁମାର ଦାସ, ଚିରଞ୍ଜିତ, ଶିକ୍ଷୟିତ୍ରୀ ସୋନାଲିସା ସାହୁ, ମୈତ୍ରୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ ରହିଥିଲେ ।

ଆଚାର୍ଯ୍ୟ ହରିହର ବିଦ୍ୟାପୀଠ

ପ୍ରାରମ୍ଭରେ ଉତ୍ତମାପୁରସ୍ଥିତ ଆଚାର୍ଯ୍ୟ ହରିହର ଓ ପଣ୍ଡିତ ନେହେରୁଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ଡ. ସତ୍ୟ ରାୟ, ମୁଖ୍ୟବକ୍ତା ଭାବେ ଅଧ୍ୟାପିକା ଡ. ଜ୍ୟୋତ୍ସ୍ନା ଦାସ ଉପସ୍ଥିତ ଥିଲେ । ପ୍ରଧାନଶିକ୍ଷୟତ୍ରୀ ନିହାରିକା ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଶରତ ପରିଜା, ଅଜିତ କୁମାର ସ୍ୱାଇଁ, ବିଶ୍ୱନାଥ ବେଉରା, ବିଷ୍ଣୁପ୍ରିୟା ସ୍ୱାଇଁ, ପୁଷ୍ପାରାଣୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ସ୍ୱର୍ଗତ ପ୍ରିୟନାଥ ସ୍ୱାଇଁଙ୍କ ପରିବାର ପକ୍ଷରୁ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।

ଗଙ୍ଗାମନ୍ଦିର ଉ.ପ୍ରା ବିଦ୍ୟାଳୟ

ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ସିଆରସିସି ଦେବେନ୍ଦ୍ର ମୋହନ ଗମାଙ୍ଗ ଆୟୋଜିତ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ରୀତାଞ୍ଜଳି ସାହୁ, ତୃପ୍ତିମୟୀ ଦାସ, କଳ୍ପନା ବେହେରା, ଚନ୍ଦନା ମହାନ୍ତି, ପ୍ରତିମା କୁମାରୀ ରାୟ ପ୍ରମୁଖ ଶିଶୁ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ ।

କସବୋର୍ଡ଼ ଇଣ୍ଡଷ୍ଟ୍ରିରେ ୪୨୦ ଦିନ ଧାରଣା

ନ୍ୟାୟ ନମିଳିବାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଶ୍ରମିକ

■ କଟକ,ତା୧୪ ।୧୧(ପିଏନଏସ)

ଜଗତପୁର ଶିଳ୍ପାଞ୍ଚଳ ସ୍ଥିତ କସବୋର୍ଡ଼ ଇଣ୍ଡଷ୍ଟ୍ରିରେ କାର୍ଯ୍ୟରତ ଶ୍ରମିକ ମାନଙ୍କୁ ନ୍ୟାୟ ନମିଳିବାରୁ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରିଛନ୍ତି । ଶ୍ରମିକଙ୍କୁ ନ୍ୟାୟ ପ୍ରଦାନ କରିବା ସହ ଶ୍ରମ ଆଇନ ଖିଲାପ କରୁଥିବା ମାଲିକଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଜଗତପୁର ଶିଳ୍ପାଞ୍ଚଳ ଶ୍ରମିକ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ସଂଘର ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ଓ ଶ୍ରମମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରିଥିଲେ ।

କସବୋର୍ଡ଼ ଇଣ୍ଡଷ୍ଟ୍ରିରେ କାର୍ଯ୍ୟରତ ଶ୍ରମିକଙ୍କୁ ବକେୟା ଦରମା, ଗ୍ରାଚୁଇଟି ବୋନସ ସମେତ ଅନ୍ୟାନ୍ୟ ଶ୍ରମ ଆଇନ ମୁତାବକ ସୁବିଧା ସୁଯୋଗ ପ୍ରଦାନ କରାଯାଇନଥିବାରୁ ଏ ସମ୍ବନ୍ଧରେ କର୍ମଚାରୀମାନେ ଏହି କମ୍ପାନୀର ମାଲିକଙ୍କୁ ଲେବର କମିଶନରଙ୍କୁ ଓ ଜିଲ୍ଲାଶ୍ରମ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ । ଏପର୍ଯ୍ୟନ୍ତ ଏହି କମ୍ପାନୀର ମାଲିକ ସମସ୍ତ ଶ୍ରମିକଙ୍କୁ ଆଇନଗତ ପ୍ରାପ୍ୟ ପ୍ରଦାନ କରିନାହାଁନ୍ତି । ଭାରତୀୟ ମଜଦୂର ସଂଘ ଦ୍ୱାରା ପରିଚାଳିତ ଜଗତପୁର ଶିଳ୍ପାଞ୍ଚଳ ଶ୍ରମିକ ସଂଘ ତରଫରୁ କସବୋର୍ଡ଼ ଇଣ୍ଡଷ୍ଟ୍ରି (ବିମଲ ଗ୍ରୁପ) କମ୍ପାନୀ ଫାଟକ ନିକଟରେ କର୍ମଚାରୀ ମାନେ ୪୨୦ ଦିନ ଧରି ଧାରଣାରେ ବସିରହିଛନ୍ତି । ତଥାପି ମାଲିକ ନିଦା ବିଷ୍ଣୁ ସାଜିଛନ୍ତି । ଏହାର ସମାଧାନ ଲାଗି ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡିଛନ୍ତି । ଏହି କାର୍ଯ୍ୟକ୍ରମରେ ଭାରତୀୟ ମଜଦୂର ସଂଘର ପୂର୍ବତନ ରାଜ୍ୟ ସଭାପତି ଇଂ ଶ୍ରୀକାନ୍ତ କୁମାର ବ୍ରହ୍ମା, କଟକ ଜିଲ୍ଲା ସଭାପତି ଆଇନଜୀବୀ ରମାକାନ୍ତ ସାହୁ, ଜିଲ୍ଲା ସମ୍ପାଦକ ପ୍ରଭୁଦତ୍ତ ମିଶ୍ର, କୋଷାଧ୍ୟକ୍ଷ ସବିତା ସାହୁ, ଜଗତପୁର ଶିଳ୍ପାଞ୍ଚଳ ଶ୍ରମିକ ସଂଘର ସଭାପତି ବସନ୍ତ କୁମାର ସାହୁ, ସାଧାରଣ ସମ୍ପାଦକ ଅଶୋକ କୁମାର ସାମଲ, ଏସ ଶ୍ରୀନିବାସ ରାଓ, ଗୌରାଙ୍ଗ ଚରଣ ରଥ ପ୍ରମୁଖ ଉପସ୍ଥିତ ଥିଲେ ।

ପଡିଆରେ ସଫେଇ କାର୍ଯ୍ୟ

■ କଟକ,ତା୧୪ ।୧୧(ପିଏନଏସ)

ସାତ୍ତ୍ୱିକ ସୋଲ, କିଟ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ଇଲେକ୍ଟ୍ରୋନିକ୍ସ ଏବଂ ବାୟୋଟେକ୍ନୋଲଜୀ ବିଭାଗ ଓ ୟୁଥ ଫର ୱାଟର ପ୍ଲସର ମିଳିତ ସହଯୋଗରେ ବାଲିଯାତ୍ରା ପଡିଆ ସଫେଇ କରାଯାଇଛି । ଏକ ନିଆରା ପଦକ୍ଷେପ ନିଆଯାଇଛି । ଆଜି ଠାରୁ ଆରମ୍ଭ ହେଉଥିବା ବିଶ୍ୱପ୍ରସିଦ୍ଧ କଟକ ବାଲିଯାତ୍ରାରେ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ହେବ । ବିଶ୍ୱ ଦରବାରରେ କିଭଳି ଆମ ଐତିହ୍ୟକୁ ଏକ ସୁନ୍ଦର ଦର୍ଶନୀୟସ୍ଥାନ ଭାବେ ଦର୍ଶାଯାଇପାରିବ ସେଥିପାଇଁ ଅଣ୍ଟା ଭିଡ଼ିଛନ୍ତି ଯୁବଗୋଷ୍ଠୀ । ରବିବାର ଦିନ ପ୍ରାୟ ୧୫୦ରୁ ଅଧିକ ଯୁବକ ଯୁବତୀ ଏକାଠି ହୋଇ ବାଲିଯାତ୍ରା ପଡିଆ ସଫା କରିଥିଲେ । ପ୍ରାୟ ୯୦ କିଲୋରୁ ଅଧିକ ପ୍ଲାଷ୍ଟିକ, ଜରି ଏବଂ ବିଭିନ୍ନ ପ୍ରକାର ଅଳିଆ ଗୋଟାଇ ସଫା କରିଥିଲେ ଓ ଅନ୍ୟମାନଙ୍କ ପାଇଁ ସେମାନେ ଉଦାହରଣ ସୃଷ୍ଟି କରିଥିଲେ । ସେମାନଙ୍କର ଏହି ମହତ କାର୍ଯ୍ୟ ପାଇଁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି ଏବଂ ଆଗାମୀ ଦିନରେ ଏହିଭଳି ଭାବେ ଆମ ଐତିହ୍ୟକୁ କିଭଳି ସଫା ରଖିପାରିବା ସେଥିପ୍ରତି ସମସ୍ତେ ସଚେତନ ହେବେ ଓ ଏହିପରି କ୍ୟାମ୍ପେନରେ ଯୋଗ ଦେବେ ବୋଲି ଚର୍ଚ୍ଚା ହୋଇଛି । ସାତ୍ତ୍ୱିକ ସୋଲ ତରଫରୁ ଅଭିଷେକ ମହାନ୍ତି ଏବଂ କିଟ ବିଶ୍ୱବିଦ୍ୟାଳୟ ତରଫରୁ ବରୁଣ ମିଶ୍ର ଏହାର ନେତୃତ୍ୱ ନେଇଥିଲେ ।

ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIBBS 2024043, ତା.08.11.2024ରିଖ

କାର୍ଯ୍ୟର ନାମ: 02 ବର୍ଷ ଅବଧି ନିମନ୍ତେ ପୂର୍ବ ତଟ ରେଳପଥର ରେଳ ବିହାର, ଭୁବନେଶ୍ୱରଠାରେ ନୂତନ ଭାବେ ହସ୍ତାନ୍ତରିତ ହୋଇଥିବା RE କାର୍ଯ୍ୟାଳୟ ଏବଂ ମଞ୍ଚେଶ୍ୱର ସ୍ଥିତ ଇଲେକ୍ଟ୍ରିକାଲ ଏବଂ ସଙ୍କେତ ଏବଂ ଦୂରସଂଚାର ଭଣ୍ଡାର ଏବଂ କାର୍ଯ୍ୟାଳୟ, ରେଳ ସଦନ ଠାରେ ନର୍ଥ ବ୍ଲକ୍ ଏବଂ ରେଳ ବିହାର ଠାରେ CAO/ନିର୍ମାଣ/ ଭୁବନେଶ୍ୱର ଅଧୀନସ୍ଥ ସେବା ଭବନଗୁଡ଼ିକର ଦେଖାଶୁଣା ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 92.30 ଲକ୍ଷ, EMD (ଟଙ୍କାରେ): 1,84,600/-, କାର୍ଯ୍ୟ ଶେଷ ହେବା ଅବଧି: 24 (ଚବିଶି)ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.03.12.2024 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଉପର୍ଯ୍ୟୁକ୍ତ ଆକାଉଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ, ଟେଣ୍ଡର ନଥିପତ୍ର ଭଲ୍ୟୁମ 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀ ଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-88/CH/24-25

MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍

(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ **www.coalindia.in**/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, **www.mahanadicoal.in**), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ **https://coalindiatenders.nic.in** ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ **https://eprocure.gov.in** ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM **portal https://gem.gov.in** ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ ।"

R-5229

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, BHANJANAGAR

No.603-O e-mail: eerwbnjr@gmail.com

"e" Procurement Notice for Building Works

Identification No. Online Tender / 05 / RWDBNJ / 2024-2025

No. 4514 Date:29.10.2024

1. Name of the Work : Building Works
2. Total Number of works : 12 (Twelve) Nos.
3. Estimated cost : 40.74 Lakhs to 42.80 Lakhs
4. Class of Contractor : 'B' Class of Contractor
5. Period of Completion : 06 (Six) Calendar Months.
6. Other details :

Procurement Officer	Bid Identification No.	Availability of tender Online for bidding	
		From	To
Superintending Engineer R. W. Division, Bhanjanagar	Online Tender/05/ RWDBNJ/ 2024-2025	18.11.2024 at 10.00 A.M.	28.11.2024 upto 3.00 P.M.

Further details can be seen from the website:- www. tendersodisha.gov.in

Sd/- Additional Chief Engineer
R. W. Division, Bhanjanagar

OIPR-25174/11/0008/2425

कार्यालय-कार्यपालन अभियन्ता,
लोक स्वास्थ्य यांत्रिकी, खण्ड-जशपुर (छत्तीसगढ़)

Notice Inviting Expression of Interest (EOI)

एकीकृत पंजीयन प्रणाली अन्तर्गत उपयुक्त श्रेणी में पंजीकृत ठेकेदारो से निम्नलिखित कार्यो हेतु ऑनलाईन (Online) EOI निविदा आमंत्रित की जाती है :-

क्र.	ई.ओ.आई. क./ दिनांक / सिस्टम नम्बर	कार्य का नाम	अनुमानित लागत (राशि रू. लाख में)
1	02/08.11.2024 161014	Expression of Interest (EoI) from national and international NGOs / Self Help Groups (SHGs)/ CBOs/ VOs/ similar Social Development Oriented Organizations/Foundations/Trusts for empanelment as Implementation Support Agencies (ISA) under Jal Jeevan Mission	250.00

उपरोक्त निर्माण कार्य की **ऑनलाईन (Online)** निविदा **दिनांक 11.12.2024** तक आमंत्रित की जाती है। जल जीवन मिशन कार्य की निविदा की सामान्य शर्ते, विस्तृत निविदा विज्ञप्ति, निविदा दस्तावेज एवं अन्य जानकारी ई-प्रोक्युरमेंट वेब पोर्टल https://eproc.cgstate.gov.in पर देखी जा सकती है।

स्वा/- कार्यपालन अभियन्ता,
लोक स्वास्थ्य यांत्रिकी खंड, जशपुर, छत्तीसगढ

G-242503752/7

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION: BOLANGIR
E-Mail ID: eerw_blgr@yahoo.co.in
e-Procurement Notice

No.631-O **IFB IDENTIFICATION NO. EEBLGR-Online-07/2024-25**

1.	Name of work	:	Road Work
2.	Total no of works	:	1 (One) no.
3.	Approximate Estimated Cost	:	Rs.25.22 Lakh
4.	Time for completion	:	2 (Two) calendar months
5.	Mode of Submission of tender	:	Tender should be submitted online in **www.tendersodisha.gov.in**
6.	Other details are as follow	:	As per TCN No.**EEBLGR-online-07/2024-25**

Procurement Officer	Bid Identification No.	Availability of Tender Online for bidding		Last Date & Time of seeking tender Clarification	Date & Time of opening of tender
		From	To		
Superintending Engineer, R.W. Division, Bolangir	**EEBLGR-Online 07/2024-25**	19.11.2024 at 11.00 A.M.	29.11.2024 upto 5.00 P.M.	28.11.2024 upto 1.00 P.M.	30.11.2024 at 11.00 A.M.

- Further details can be seen from the website : **www.tendersodisha.gov.in**
- Any Corrigendum/ Addendum will be displayed in the above e-tender website only.

OIPR-25068/11/0007/2425 Sd/- Superintending Engineer, R.W. Division, Bolangir